ପ୍ରେସ୍‌ନୋଟ୍

# ଜେଇଇ ମେନ୍ ପରୀକ୍ଷାରେ ଯୋଗ ଦେବାପାଇଁ ଦ୍ୱିତୀୟ୍ ପର୍ଯ୍ୟାୟ୍‌ରେ ଅନୁଗୋଳରୁ ବାହାରିଲା ସ୍ୱତନ୍ତ୍ର ବସ୍।

ଅନୁଗୋଳ,ତା.୦୩.୦୯:- ଆସନ୍ତା କାଲିଠାରୁ ଆରମ୍ଭ ହେଉଥିବା ଜେଇଇ ମେନ୍ ର ଦ୍ୱିତୀୟ୍ ପର୍ଯ୍ୟାୟ୍ ପରୀକ୍ଷା ଦେବାକୁ ଆଜି ୧୮ଜଣ ପରୀକ୍ଷାର୍ଥୀ ଓ ସେମାନଙ୍କର ଅଭିଭାବକ ଏକ ସ୍ୱତନ୍ତ୍ର ବସ୍ ଯୋଗେ ତାଳଚେର ଓ ଅନୁଗୋଳରୁ ଯାଇଛନ୍ତି । ଏହି ପିଲାମାନଙ୍କର ପରୀକ୍ଷାକେନ୍ଦ୍ର ଢେଙ୍କାନାଳ,କଟକ ଓ ଭୁବନେଶ୍ୱରରେ ପଡିଥିବାରୁ ଆଜି ଠାରୁ ସେମାନେ ବସ୍ ଯୋଗେ ଯାତ୍ରା କରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ଏହି ପିଲା ମାନଙ୍କର ଗମନା ଗମନ ଓ ରହିବାର ବ୍ୟବସ୍ଥା ସଂପୃକ୍ତ ଜିଲ୍ଲାପାଳଙ୍କ ଦ୍ୱାରା କରାଯାଇଛି । ଆସନ୍ତା କାଲିର ପରୀକ୍ଷା ପାଇଁ ଆଜି ୧୮ ଜଣ ପରୀକ୍ଷାର୍ଥୀ ଓ ୫ ଜଣ ଅଭିଭାବକ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଢେଙ୍କାନାଳ,କଟକ ଓ ଭୁବନେଶ୍ୱରକୁ ଯାତ୍ରା କରିଛନ୍ତି । ତାଳଚେର ଦେଇ ଅନୁଗୋଳରୁ ବାହାରିଥିବା ଏହି ବସ୍‌କୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ଶ୍ରୀ ମହେନ୍ଦ୍ର କୁମାର ବସ୍ତିଆ,ମୋ ପରିବାର ଜୀବନ ବିନ୍ଦୁ ସଂଯୋଜକ ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ, ଆଇ.ଟି.ଆଇ ପ୍ରିନ୍ସିପାଲ ତଥା ନୋଡାଲ ଅଫିସର ଶ୍ରୀ ଏସ. ଏସ୍. ରଥଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଓ ସରକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୪୮ ତା.୦୩.୦୯.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ